
ଧରିତ୍ରୀ
DHARITRI
September 20-26, 2020 ₹ 2/-

ଛୁଟିଦିନ



# ସର୍ଜନାରେ ଆବାମିକା

୩
ପ୍ରଚ୍ଛଦ ପ୍ରସଙ୍ଗ

ପାରସ୍ପରିକ ପ୍ରେମ ଆଉ ସହଭାଗିତାକୁ ନେଇ ସୁନ୍ଦର ଦାମ୍ପତ୍ୟ, ଯେଉଁଠି ଅହଂର ସ୍ଥାନ ନାହିଁ। ତେବେ ସାହିତ୍ୟ ସର୍ଜନାରେ ନିମଗ୍ନ ଦମ୍ପତି ନିଜସ୍ୱ ସୃଷ୍ଟିକୁ ନେଇ ବିଭୋର ହେଉଥିବାବେଳେ ସେମାନେ ପରସ୍ପର ପାଇଁ କେତେ ପରିପୂରକ, ସେମାନଙ୍କ ଭିତରେ ପାରସ୍ପରିକତା ବା ଆବାମିକାକୁ ନେଇ ଏଥରର ପ୍ରଚ୍ଛଦ...

ସିନେମା
୫



# ଝାଡୁକୁ ନେଇ ବାସ୍ତୁ



**ଘ**ରେ ଘରେ ଝାଡୁର ଆବଶ୍ୟକତା ରହିଛି। ଏହାର ମହତ୍ୱ ଆମ ଜୀବନରେ କେତେ ତାହା କହିବା ବାହୁଲ୍ୟମାତ୍ର। ବାସ୍ତୁଶାସ୍ତ୍ର ଅନୁଯାୟୀ ଝାଡୁକୁ ମା' ଲକ୍ଷ୍ମୀଙ୍କ ସ୍ୱରୂପ ବୋଲି ଧରାଯାଏ। ତେଣୁ ଏହାର ଦେଖାରଖା ଉପରେ ବିଶେଷ ଧ୍ୟାନ ରଖିବା ଜରୁରୀ। ନଚେତ ଏହାର ସିଧାସଳଖ ପ୍ରଭାବ ବ୍ୟକ୍ତିଙ୍କ ଆର୍ଥିକ ସ୍ଥିତି ଉପରେ ପଡିଥାଏ। ଝାଡୁରେ କେବେ ପାଦ ରଖନ୍ତୁ ନାହିଁ। ଏଥିରେ ମା' ଲକ୍ଷ୍ମୀ ରୁଷ୍ଟ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଆଉ ଘରେ ଦରିଦ୍ରତାର ପ୍ରବେଶ ହୁଏ। ଝାଡୁକୁ ଓଲଟା ରଖିବା ଭଲ ନୁହେଁ। ବିଶ୍ୱାସ ରହିଛି ଏଭଳି ରଖିଲେ ଘରେ କଳହ ବଢିଥାଏ। ଝାଡୁକୁ ଘର ବାହାରେ ରଖିବା ଉଚିତ ନୁହେଁ। ଛାତ ଉପରେ ବି ରଖନ୍ତୁ ନାହିଁ। ରୋଷେଇ ଘର ଅଥବା ଖାଇବା ସ୍ଥାନ ପାଖାପାଖି ଜାଗାରେ ବି ଏହାକୁ ରଖିବା ଭଲ ନୁହେଁ। ନୂଆ ଘରକୁ ପୁରୁଣା ଝାଡୁ ନେବା ଭଲ ନୁହେଁ। କୁହାଯାଏ ଏଭଳି କଲେ ଅଶୁଭ ହୁଏ। ଝାଡୁ ଖରାପ ହୋଇଯାଇଥିଲେ ନୂଆ ଝାଡୁ ଶନିବାର ଦିନ ଆଣନ୍ତୁ। ଏହାକୁ ଶୁଭ ମଣାଯାଏ। ସ୍ୱପ୍ନରେ କେହି ଝାଡୁ ଧରି ଠିଆ ହୋଇଥିବା ଦେଖିଲେ ଶୁଭ। ଝାଡୁକୁ ସବୁବେଳେ ଲୁଚାଇ ରଖିବା ଭଲ। ବାସ୍ତୁ ଅନୁସାରେ ଏହାକୁ ଏଭଳି ସ୍ଥାନରେ ରଖିବା ଉଚିତ, ଯେଉଁଠି ରଖିଲେ ତା'ଉପରେ ବାହାର ଲୋକଙ୍କ ନଜର ପଡିବ ନାହିଁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୨୦-୨୬

**ମେଷ**: ସୁଖମୟ ପାରିବାରିକ ଜୀବନ, ନୂତନ ଆଶା ଓ ଉଦ୍ଦୀପନା, ଉଠାପକା କର୍ମଭୂମି, ଅପ୍ରିୟଭାଷଣରୁ ଦ୍ୱନ୍ଦ୍ୱ, ବନ୍ଧୁଙ୍କ ପ୍ରତାରଣା, ବାଧାପ୍ରାପ୍ତ ନିର୍ମାଣ, ମାଙ୍ଗଳିକକାମର ଆଲୋଚନା, ଗଠନମୁଳକ କାର୍ଯ୍ୟରୁ ପ୍ରଶଂସା ।।

**ବୃଷ**: ସରକାରୀସ୍ତରରୁ ଅର୍ଥଲାଭ, ସହଯୋଗରୁ କାର୍ଯ୍ୟସିଦ୍ଧି, ସ୍ୱର୍ଣ୍ଣାଳଙ୍କାର କ୍ରୟ, ବନ୍ଧୁମିଳନରୁ ଆନନ୍ଦ, ପରିଜନ ସହ ଦୂରଯାତ୍ରା, ରାଜନୈତିକ ପୃଷ୍ଠ ପୋଷକତା, କଳାକାର ସମ୍ମାନ, ହିତୈଷୀଙ୍କ ସାନ୍ନିଧ୍ୟଲାଭ ।।

**ମିଥୁନ**: କୁଟନୀତିରେ କାର୍ଯ୍ୟସାଧନ, ଦୁର୍ବଳ ଆର୍ଥିକ ପରିସ୍ଥିତି। ସୁସ୍ଥ ମାନସିକତା, ମିତ୍ରମାନଙ୍କ ପରାମର୍ଶ, ଗବେଷଣାରେ ସଫଳତା ସାମୟିକ ଡିପ୍ରେସନ। ଯାତ୍ରା ସ୍ଥଗିତ, ପ୍ରତିଯୋଗୀତାରେ ବିଜୟ ।।

**କର୍କଟ**: ସ୍ଥଗିତ କର୍ମାରମ୍ଭ, ଶୃଙ୍ଖଳିତ ଜୀବନଚର୍ଯ୍ୟା, ସାମାଜିକ ପ୍ରତିଷ୍ଠା। ବନ୍ଧୁମାନଙ୍କ ପରାମର୍ଶ, ରୁଗ୍ଣ ସ୍ୱାସ୍ଥ୍ୟର ଦୁଃଶ୍ଚିନ୍ତା, ବିପନ୍ନ ମାନସିକତା, କ୍ରୀଡାରୁ ସମ୍ମାନ, ଚଳଚ୍ଚିତ୍ରରେ ସମସ୍ୟା, ଡାଇବେଟିସ୍ ବଢିପାରେ ।।

**ସିଂହ**: ଅବହେଳାରୁ କାର୍ଯ୍ୟହାନୀ, ସମସ୍ୟାରୁ ମନସ୍ତାପ, ପାରିବାରିକ ପରାମର୍ଶ, ପକ୍ଷପାତିତା। ସହକର୍ମୀଙ୍କ ଅଭିମାନ, ଉପରିସ୍ଥଙ୍କ ଖାପଛଡା କଥା, ପ୍ରତିଯୋଗୀତାରେ ବିଜୟ ।।

**କନ୍ୟା**: ବନ୍ଧୁଙ୍କୁ ଆପଣେଇବେ, ପାରିବାରିକ ଉନ୍ନତି, ପରୋକ୍ଷ ଶତ୍ରୁତା। ଉପରିସ୍ଥଙ୍କ ଶ୍ରଦ୍ଧାଭାଜନ, ପ୍ରେସ୍ ପବ୍ଲିକେଶନରେ ସମସ୍ୟା, ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବ।

**ତୁଳା**: କାମର ଚାପ ବଢିବ, ଅର୍ଥର ଆବଶ୍ୟକତା ବଢିବ, ସ୍ୱାସ୍ଥ୍ୟ ଭଗ୍ନ ହୋଇପାରେ, ମନ ବିଚଳିତ ରହିବ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ସଭାସମିତିରେ ବନ୍ଧୁମିଳନ, ପ୍ରତିବନ୍ଧକ ଦୂରେଇ ଯିବ।

**ବିଛା**: ବନ୍ଧୁ ଫାଇଦା ନେବେ, କାମରେ ବିଳମ୍ବ, ପ୍ରତିବନ୍ଧକ ହଟିଯିବ, ପରିବାରର ସହମତି, ପରିବହନରୁ ଲାଭ, ଜମିଜମା ବିବାଦ, ଆଇନ ଅଦାଲତରେ ବିଜୟ, ସାଂଗଠନିକ କ୍ଷେତ୍ରରେ ପ୍ରଶଂସା, ପରିଜନଙ୍କ ସାହାଯ୍ୟ ।।

**ଧନୁ**: ସାଧୁ ଉଦ୍ୟମରୁ ପ୍ରଶଂସା, ଭାତୃସମ୍ପର୍କରେ ଉନ୍ନତି, ବନ୍ଧୁବର୍ଗରେ ଫାଟ, ପରିବାରରେ ଦୀର୍ଘାଲୋଚନା, ଗବେଷଣାରେ ଅଗ୍ରଗତି, ଆର୍ଥିକ ସ୍ଥିତିରେ ଉନ୍ନତି, ଦୂରଭ୍ରମଣର ସୁଯୋଗ, ମାଙ୍ଗଳିକ କାମରେ ସାମିଲ୍ ।।

**ମକର**: କାର୍ଯ୍ୟ ଦକ୍ଷତାରୁ ପ୍ରତିଷ୍ଠା, ପଦସ୍ଥ ବ୍ୟକ୍ତିଙ୍କ ପ୍ରଶଂସା, ଶତ୍ରୁମାନେ ପରାସ୍ତ ହେବେ, ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ, ଋଣଭାର ବୃଦ୍ଧି, ମାନସିକ ଦ୍ୱନ୍ଦ୍ୱ, ପାରିବାରିକ ସମସ୍ୟା। ଲେଖାପଢାରେ ଅଗ୍ରଗତି, କଳାବିଜ୍ଞାନରେ ପ୍ରଶଂସା ।।

**କୁମ୍ଭ**: ଅନୁକୂଳ ବାତାବରଣ, ସୁଖ ସମୃଦ୍ଧି ପ୍ରାପ୍ତି, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ, ମାଙ୍ଗଳିକ କାର୍ଯ୍ୟରେ ବାଧା, ବିବାଦରେ ବିଜୟୀ, ଯାତ୍ରା ସଫଳ, ଯାନବାହନ ଲାଭ, ରୋଗପୀଡା ହ୍ରାସ ।।

**ମୀନ**: ସମସ୍ୟା ବଢିବ, ବନ୍ଧୁଙ୍କ ମନ୍ତ୍ରଣା, ରଚନାତ୍ମକ କାର୍ଯ୍ୟରୁ ଆନନ୍ଦ, ଅଭାବ ଦୂର ହେବ, ସୁସ୍ଥ ମାନସିକତା, କ୍ରୀଡାରୁ ସମ୍ମାନ, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ, ପରିବହନରେ ଝଗଡା, ପାଖପଡୋଶୀଙ୍କ ସହାନୁଭୂତି, ଋଣଗ୍ରସ୍ତ ହେବେ ।।

# ବଲ୍‌ବ ପରି ଜଳେ ଏହି ଛତୁ



**ଛ**ତୁ ଅନେକଙ୍କର ପ୍ରିୟ ଖାଦ୍ୟ। ଏହାର ବିଭିନ୍ନ ପ୍ରକାର ରହିଛି। ଆଉ ଖାଇବାଯୋଗ୍ୟ ସବୁ ଛତୁର ସ୍ୱାଦ ଏକକୁ ଆରେକ। ଖାଇବା ଥାଳିରେ ଛତୁର କୌଣସି ବ୍ୟଞ୍ଜନ ଥିଲେ ଖାଇବା ଜମିଯାଏ। ତେବେ ବିଭିନ୍ନ ପ୍ରକାରର ଛତୁ ମଧ୍ୟରେ କେବେ ଏଭଳି ଛତୁ ସମ୍ପର୍କରେ ଜାଣିଛନ୍ତି କି, ଯାହା ରାତିର ଅନ୍ଧକାରରେ ବଲ୍‌ବ ପରି ଜଳିଥାଏ। ଅବା ଜୁଳୁଜୁଳିଆ ପୋକ ପରି ଆଲୋକ ତା' ମଧ୍ୟରୁ ବାହାରିଥାଏ। ଅନେକେ ହୁଏତ ଜାଣି ନ ଥିବେ। ତେବେ ଏଭଳି ଏକ ଛତୁର ପ୍ରକାର ଅଛି। ଆଉ ସେପୁଣି ଭାରତରେ ଦେଖାଯାଏ। ଗୋଆର ମାହଦେଇ ୱାଇଲ୍ଡ ଲାଇଫ୍ ସାଙ୍କଚୁଆରିରେ ଏହି ଛତୁ ଦେଖିବାକୁ ମିଳୁଛି। ରାତିର ଘନ ଅନ୍ଧକାରରେ ଏହା ବଲ୍‌ବ ପରି ଜଳିବା ଭଳି ଦେଖାଯାଏ। ଏହି ଦୃଶ୍ୟ ବେଶ୍ ରୋମାଞ୍ଚକର ଲାଗେ। ତେବେ ଦିନର ଆଲୋକରେ ଏହା ସାଧାରଣ ଛତୁ ପରି ଦେଖାଯାଏ। ବିଶେଷଜ୍ଞଙ୍କ ଅନୁସାରେ ଏହି ଛତୁର ନାମ ହେଉଛି 'ମାଇସେନା ଜିନସ୍'। ରାତିରେ ଆଲୋକ ନିସୃତ କରିବାର କାରଣ ହେଉଛି, ଏହା ଉପରେ ଥିବା ବିଜାଣୁ, କିଟପତଙ୍ଗ ଜରିଆରେ ଜଙ୍ଗଲର ଅନ୍ୟ ସ୍ଥାନକୁ ବ୍ୟାପିବା ଏବଂ ଏହାର ବଂଶବୃଦ୍ଧି ହେବା। ଏହା ଏକ ଖାସ୍ ପ୍ରକାରର କବକ ଅଟେ। ସାରା ପୃଥିବୀରେ ଆଲୋକ ନିସୃତ କରୁଥିବା ୫୦ ପ୍ରକାରର ଛତୁ ଅଛି। ଗୋଆରେ ମିଳିଥିବା ଛତୁ କେବଳ ବର୍ଷାଦିନେ ଦେଖିବାକୁ ମିଳନ୍ତି।

# ପାଠକୀୟ

➤ ପ୍ରଚ୍ଛଦ ପ୍ରସଙ୍ଗ 'ଝିମିଟି ଖେଳରୁ...' ଉଚ୍ଚକୋଟୀର ଥିଲା। ଇତିହାସର ଅନେକ ହାସ୍ୟାସ୍ପଦ ଯୁଦ୍ଧ ସମ୍ପର୍କରେ ଜାଣି ହେଲା। 'ବିଲେଇ ହେଲା ସିକ୍ୟୁରିଟି ଗାର୍ଡ', ଟ୍ରାନ୍ସପରେଣ୍ଟ ଟଏଲେଟ୍ ପାଠଗୁଡିକ ମଜାଦାର ଥିଲା। ସୃଜନ ପୃଷ୍ଠାରେ 'ଚିତ୍ରାଙ୍କନ' ଗପଟି ଭଲ ଲାଗିଲା। କବିତା ବି ମନଛୁଆଁ ଥିଲା।

*–ସୁମିତ୍ରା ପରିଡା, ଭଦ୍ରକ*

➤ ପ୍ରଚ୍ଛଦ ପ୍ରସଙ୍ଗ ବହୁତ ଭଲ ଲାଗିଲା। ଛୋଟ ଘଟଣାରୁ ଯେ, ଏତେ ବଡ଼ ଯୁଦ୍ଧ ହୋଇ ପାରେ ବିଶ୍ୱାସ କରିହେଉନି। ସିନେମା ପୃଷ୍ଠା ମୋର ବହୁତ ପ୍ରିୟ। ସବୁ ସପ୍ତାହ ମୁଁ ଏହାକୁ ଯେମିତି ହେଉ ପଢେ। ହାଃ ହାଃ ମଜାଦାର ଥିଲା। ରାଶିଫଳ ବି ପଢେ।

*–କନକଲତା ମହାରଣା, ବୌଦ୍ଧ*

➤ 'ବିଚିତ୍ର ପାଠ୍ୟକ୍ରମ' ବିଷୟଟି ବେଶ୍ କୌତୁହଳମୟ ଥିଲା। ଏମିତି ବି ପାଠ୍ୟକ୍ରମ ଅଛି ଜାଣି ନ ଥିଲି। ବିଲେଇ ହେଲା ସିକ୍ୟୁରିଟି ଗାର୍ଡ ପାଠଟି ମଜାଦାର ଥିଲା। ପ୍ରଚ୍ଛଦ ପ୍ରସଙ୍ଗରୁ ଇତିହାସର କିଛି ଅଜବ ଯୁଦ୍ଧ ସମ୍ପର୍କରେ ଜାଣି ହେଲା। ସିନେମା ପୃଷ୍ଠାର 'ଆତ୍ମବିଶ୍ୱାସ ବଢାଇଥିଲା ପ୍ରଥମ ଫିଲ୍ମ' 'ୱେବ ସିରିଜ ନିଶାରେ ଅଭିଷେକ' ପାଠଗୁଡିକ ଭଲ ଲାଗିଲା।

*–ଅମିତାଭ ପଣ୍ଡା, ରାଜନଗର*

➤ ପ୍ରଚ୍ଛଦ ପ୍ରସଙ୍ଗ, ବିଚିତ୍ର ପାଠ୍ୟକ୍ରମ ବିଷୟ ଶିକ୍ଷଣୀୟ ଥିଲା। ଅନ୍ୟ ସବୁ ବିଷୟ ବି ମନଛୁଆଁ ଓ ସମୟୋପଯୋଗୀ ଥିଲା। କାର୍ଟୁନ କର୍ନର, ହାଃ ହାଃ ଘରେ ପିଲାମାନେ ବହୁତ ଖୁସିରେ ପଢନ୍ତି। ଦ୍ୱୀପ ଯେଉଁଠି ମହିଳା ଯିବା ମନା ବିଷୟଟି ବି ଭଲ ଲାଗିଲା। ସମ୍ପୂର୍ଣ୍ଣ ଘରୋଇ ଛୁଟିଦିନ ସମସ୍ତଙ୍କର ପ୍ରିୟ।

*–ସନ୍ତୋଷିନୀ ପୁହାଣ, କଟକ*

➤ ସିନେମା ପୃଷ୍ଠାର ମୁଁ ଜଣେ ନିୟମିତ ପାଠକ। ମଡେଲ ମିରର୍‌ରେ ବର୍ଷା ସୁନ୍ଦର ଦେଖାଯାଉଥିଲେ। ହାଃ ହାଃ ମଜାଦାର ଥିଲା। ଟ୍ରାନ୍ସପରେଣ୍ଟ ଟଏଲେଟ୍ ସମ୍ପର୍କରେ ପଢି ଭଲ ଲାଗିଲା। ବିଚିତ୍ର ପାଠ୍ୟକ୍ରମ ବିଷୟଟି ମଧ୍ୟ ଭଲ ଲାଗିଲା। ଏଥରର ପ୍ରଚ୍ଛଦ ପ୍ରସଙ୍ଗ ଶିକ୍ଷଣୀୟ ହେବାସହ ମଜାଦାର ବି ଥିଲା।।

*–କରୁଣାକର ନାୟକ, ନୟାଗଡ଼*

➤ ପ୍ରଚ୍ଛଦ ପ୍ରସଙ୍ଗ ସହ ସବୁ ବିଷୟ ବହୁତ ମନଛୁଆଁ ହୋଇଥିଲା। ରବିବାରେ ଛୁଟିଦିନ ପଢିଦେଲେ ଦିନ ଭଲରେ ବିତେ। ଏମିତି ସବୁବେଳେ ମନଛୁଆଁ ବିଷୟ ନେଇ ଛୁଟିଦିନ ଆସୁଥାଉ। ସୃଜନ ପୃଷ୍ଠା ମୋର ବହୁତ ପ୍ରିୟ।

*–ଗୋବିନ୍ଦ ବେହେରା, ହରିପୁର, ବୁରୁଡି, ଗଞ୍ଜାମ*

## ବିଶେଷ ଚିଠି



**ହେ** ଧରିତ୍ରୀ ତୁମେ ଲାଗଇ ନିଜର
ତୁମ ଛୁଟିଦିନ ଅତି ଆପଣାର
କେତେ କଥା ତୁମେ ସାଥେ ଆଣିଥାଅ
କିଣି ନେଇ ଯାଅ ସଭିଙ୍କର ମନ ।।
ମନଛୁଆଁ ଲାଗେ ପ୍ରଚ୍ଛଦ ପ୍ରସଙ୍ଗ
ସିନେମା, ସୃଜନ, ମଡେଲ ମିରର୍
କେତେ ନୂଆ କଥା ହସର ଝଲକ
ହାଃ ହାଃ ସାଥେ କାର୍ଟୁନ କର୍ନର ।।
ଏମିତି ଆସୁଥାଅ ରବିବାରେ
ଖୁସି ଭରିବାକୁ ସଭିଙ୍କ ଘରେ ।।

**–ସ୍ୱସ୍ତିକ ସାହୁ**, ନିଜିଗଡ, ନରସିଂହପୁର, କଟକ

**ଧରିତ୍ରୀ ଛୁଟିଦିନ** | **ସମ୍ପାଦକ: ତଥାଗତ ସତପଥୀ**

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ସର୍ଜନାରେ ଆବାମିକା

ସମ୍ପର୍କମାନଙ୍କ ଭିତରେ ଦାମ୍ପତ୍ୟ ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ଉପହାର। ଅଦୃଷ୍ଟର ଇଙ୍ଗିତରେ ଅଲଗା ଅଲଗା ପରିବେଶରେ ଜନ୍ମନେଇ ପରସ୍ପର ପାଇଁ ଗଢ଼ି ହେବାର ପ୍ରକ୍ରିୟା ଚାଲିଥାଏ ନିଜ ନିଜ ବାଟରେ ବଡ଼ ଅଦ୍ଭୁତ ଢଙ୍ଗରେ। ଦାମ୍ପତ୍ୟରେ ପରିପୂରକତାର ଅନୁଭବ ଆଉ ଏକ ବୈଚିତ୍ର୍ୟ। ଦୁଇ ଦେହ ଗୋଟିଏ ଆତ୍ମା, ଚାରି ଆଖି ଗୋଟିଏ ଦୃଷ୍ଟି, ଦୁଇ ମନ ଗୋଟିଏ ବିଚାର ଲାଗେ ଯେମିତି ଜଣେ ଜଣଙ୍କ ବିସ୍ତାର। ତେବେ ଯଦି ଦମ୍ପତି ସାହିତ୍ୟ ସର୍ଜନାରେ ନିମଗ୍ନ ତା'ହେଲେ ଦାମ୍ପତ୍ୟକୁ କ'ଣ ପ୍ରଭାବିତ କରେକି ସାହିତ୍ୟ ? ଆଉ 'ମୁଁ'ର ଭାବ 'ଆମେ ଦୁହେଁ'ର ଭାବରେ କେତେ ରୂପାନ୍ତରିତ ହୋଇଛି ? ଏସବୁ ପ୍ରଶ୍ନକୁ ନେଇ କେତେଜଣ ସୃଜନଶୀଳ ଦମ୍ପତି ଯାହା କହିଥିଲେ ତାକୁ ନେଇ ଏଥରର ଉପସ୍ଥାପନା...

**ଆମେ ବିରୋଧାଭାସରେ ଏକାତ୍ମ : ମାନସ ରଞ୍ଜନ ମହାପାତ୍ର-ଶୈଳବାଳା ମହାପାତ୍ର**

ବରିଷ୍ଠ କବି ତଥା ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଓ ତାଙ୍କ ପତ୍ନୀ କବି ଶୈଳବାଳା ମହାପାତ୍ର ସ୍ୱୀକାର କରନ୍ତି ଯେ, ସମ୍ପର୍କ ଲାଗି ସାହିତ୍ୟର ଭୂମିକା ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଉଭୟଙ୍କ କ୍ଷେତ୍ରରେ ସର୍ଜନାର ରୂପରେଖ ମୋଟାମୋଟି ଭଲ ରହିଛି। ହୁଏତ କେତେବେଳେ କେମିତି ପରିସ୍ଥିତିର ଚାପରେ କିଛିଟା ଶିଥିଳତା ଆସିଛି। ମାନସ ରଞ୍ଜନ ସାହିତ୍ୟର ଅସ୍ତିତ୍ୱକୁ ବିଭିନ୍ନ ପର୍ଯ୍ୟାୟରେ ଦେଖିଲାବେଳେ ଶୈଳବାଳା ଦାମ୍ପତ୍ୟର ପ୍ରତି କ୍ଷେତ୍ରରେ ମାନସଙ୍କ ସାହିତ୍ୟିକ ଅସ୍ତିତ୍ୱ ନିବିଡ଼ ଭାବରେ ଅନୁଭବ କରନ୍ତି। ଉଭୟେ ବିଶ୍ୱାସ କରନ୍ତି ସର୍ଜନାର ଆବାମିକା ନିଶ୍ଚୟ ରହିଛି। କିନ୍ତୁ ତାକୁ ବୁଝାଇ କହିବା ଏତେ ସହଜ ନୁହେଁ। ତେବେ ତା'ର ଗଭୀରତା ଓ ବ୍ୟାପ୍ତି ଅନୁଭବ କରିହୁଏ। ଉଭୟେ ମାନସ ଓ ଶୈଳବାଳା ବିରୋଧାଭାଷ ଭିତରେ ନିଜ ନିଜର ଅନନ୍ୟତ୍ୱ ଆବିଷ୍କାର କରନ୍ତି ଓ ଏକାତ୍ମ ହେବାର ଅନୁଭବ ଲାଭ କରନ୍ତି। ଅବଶ୍ୟ ଶୈଳବାଳା ମାନସଙ୍କ ଜ୍ଞାନର ପ୍ରଶଂସିକା ଅଟନ୍ତି।

**ଜୀବନ ପାଖରେ ସାହିତ୍ୟ ଗୌଣ: ରାଜକିଶୋର ଦାସ-ଡ. କନକମଞ୍ଜରୀ ପଟ୍ଟନାୟକ**

କବି, ଗାଳ୍ପିକ ଓ ପ୍ରକାଶକ ରାଜ କିଶୋର ଦାସ ଓ ତାଙ୍କର ପତ୍ନୀ ଗାଳ୍ପିକା, କବି, ଅନୁବାଦିକା ଡ. କନକ ମଞ୍ଜରୀ ପଟ୍ଟନାୟକ ଜୀବନକୁ ସାହିତ୍ୟଠାରୁ ଉଚ୍ଚତର ବୋଲି ମନେ କରନ୍ତି । ପରସ୍ପର ପ୍ରତି ଆକର୍ଷଣର କାରଣ ସାହିତ୍ୟ ଅପେକ୍ଷା ସମୟର ଆହ୍ୱାନ ଅଧିକ ଥିଲା ବୋଲି ସ୍ୱୀକାର କରନ୍ତି । କନକ ମଞ୍ଜରୀ ମୂଳରୁ ଥିଲେ ସୃଜନମନସ୍କ। ହେଲେ ମଞ୍ଚ କଳାକାର ବା ଦଣ୍ଡ ନାଚର ମାଷ୍ଟ୍ର ହେବାର ସମ୍ଭାବନାସମ୍ପନ୍ନ ରାଜକିଶୋର କନକ ମଞ୍ଜରୀଙ୍କ ପ୍ରେରଣାରେ ସାହିତ୍ୟକୁ ଆସନ୍ତି । ଉଭୟେ ଭିନ୍ନ ବାଟରେ ପରସ୍ପରର ପରିପୂରକ ଓ ପ୍ରେରଣା । ଉଭୟେ ଜୀବନର ଅସ୍ତିତ୍ୱ ପାଖରେ ସାହିତ୍ୟିକ ଅସ୍ତିତ୍ୱକୁ ଗୌଣ ମନେ କରନ୍ତି। ରାଜ କିଶୋର ଓ କନକ ମଞ୍ଜରୀଙ୍କର ସର୍ଜନାର ଭୂମି ଅଲଗା ଅଲଗା । ଜଣେ ସହଜ ଓ ସରଳ ଭାବରେ ପ୍ରେମ, ବିଷାଦ ଓ ବିସ୍ମୟବୋଧର କଥା ଲେଖିଲାବେଳେ ଆଉ ଜଣେ ତୀକ୍ଷ୍ଣ ଭାବରେ ଶାଣିତ ଶବ୍ଦରେ ଜୀବନର ଅବବୋଧର ରୂପାୟନ କରନ୍ତି। ଉଭୟେ ଶୈଳୀଗତ ପାର୍ଥକ୍ୟ ଭିତରେ ପାରସ୍ପରିକତାର ସୂତ୍ର ଖୋଜି ପାଆନ୍ତି । ରାଜକିଶୋର ଦକ୍ଷ ସଂଗଠକ ଓ ପ୍ରଶାସକ ଅନ୍ୟପକ୍ଷରେ କନକ ମଞ୍ଜରୀ ଅନ୍ତର୍ମୁଖୀ ଏବଂ ଆତ୍ମବିଭୋର। ଏହି ଭଳି ଭାବରେ ଉଭୟ ଉଭୟଙ୍କର ଅନନ୍ୟତ୍ୱକୁ ଆବିଷ୍କାର କରନ୍ତି।

**ସାହିତ୍ୟଥିଲା ପରିଚୟର ଘଟସୂତ୍ର: ଦିଲ୍ଲୀପ ରାଉତ-ଡ. ସ୍ୱପ୍ନା ମିଶ୍ର**

ଆମ ଜିଜ୍ଞାସାର ଉତ୍ତରରେ କବି ଦିଲ୍ଲୀପ ରାଉତ ତଥା ତାଙ୍କର ପତ୍ନୀ କବି କଥାକାର ଡ ସ୍ୱପ୍ନା ମିଶ୍ର ଉଭୟେ ସ୍ୱୀକାର କରିଥିଲେ ଯେ, ସେମାନଙ୍କ କ୍ଷେତ୍ରରେ ସାହିତ୍ୟ ହିଁ ପରିଚୟର ମାଧ୍ୟମ ଓ ଘଟସୂତ୍ର ଥିଲା। ଉଭୟଙ୍କ କ୍ଷେତ୍ରରେ ବିବାହର କିଛି ବର୍ଷ ପରେ ସର୍ଜନାର ପ୍ରକ୍ରିୟାରେ ଶିଥିଳତା ଆସିଥିଲା। ତେବେ ସାହିତ୍ୟ କ୍ଷେତ୍ରରେ ସ୍ୱପ୍ନା ଏବେ ବେଶ ସକ୍ରିୟ ଏବଂ ପ୍ରତିଷ୍ଠିତ। ଦିଲ୍ଲୀପ ବିଶ୍ୱାସ କରନ୍ତି ସାହିତ୍ୟିକ ଅସ୍ତିତ୍ୱ ବ୍ୟକ୍ତିତ୍ୱ ଦ୍ୱାରା କଳୁଷିତ ହୁଏ ନାହିଁ। ତାଙ୍କ ଲାଗି ସ୍ୱପ୍ନାଙ୍କର ସାହିତ୍ୟିକ ଅସ୍ତିତ୍ୱ ଅଧିକ ମନୋମୁଗ୍ଧକର। ଉଭୟେ ଆବାମିକା ଅପେକ୍ଷା ପରସ୍ପରର ସ୍ୱାତନ୍ତ୍ର୍ୟରେ ଅଧିକ ବିଶ୍ୱାସ ରଖନ୍ତି। ଯିଏ ଯାହା ବାଟରେ ସ୍ୱତନ୍ତ୍ର। ଦିଲ୍ଲୀପଙ୍କର ଲେଖାଲେଖି ଆତ୍ମକୈନ୍ଦ୍ରିକ ହୋଇଥିଲାବେଳେ ସ୍ୱପ୍ନାଙ୍କ ଲେଖାଲେଖିରେ ସାମାଜିକ ଦାୟିତ୍ୱବୋଧ ଗୁରୁତ୍ୱପୂର୍ଣ୍ଣ। ଦିଲ୍ଲୀପ ସ୍ୱପ୍ନାଙ୍କ ଅନନ୍ୟତ୍ୱକୁ ବୁଝିବାକୁ ଚେଷ୍ଟା ଆରମ୍ଭ କରିଥିଲାବେଳେ ସ୍ୱପ୍ନା ଚାହାନ୍ତି ସେହି ସମ୍ପର୍କୀୟ ସମୁଦ୍ର ମନ୍ଥନ ନ ହେଉ ।


**ଆମେ ଦୁହେଁ ପରସ୍ପରର ଏକ୍ଲାପଣର ମୁହଁ ପରି : ସୁଜିତ ଶତପଥୀ-ମିନାକ୍ଷୀରାଣୀ ମିଶ୍ର**

କବି ସୁଜିତ ଶତପଥୀ ଓ ଗାଳ୍ପିକା ମିନାକ୍ଷୀରାଣୀ ମିଶ୍ରଙ୍କର ସମ୍ପର୍କ ଆରମ୍ଭ ହୁଏ ସାହିତ୍ୟରୁ। ସୁଜିତ କଲେଜର ବାର୍ଷିକ ପତ୍ରିକାର ସମ୍ପାଦକ ଥିଲାବେଳରୁ। ସାହିତ୍ୟରୁ ପ୍ରେମ ଏବଂ ପ୍ରେମରୁ ବିବାହ । ବିବାହ ପରେ ହୁଏତ ଦୁହିଁଙ୍କ କ୍ଷେତ୍ରରେ ଦାୟିତ୍ୱ ବଢ଼ିଛି କିନ୍ତୁ ସମ୍ବେଦନା ଦିଗରୁ ଉଭୟେ ଉଭୟଙ୍କର ପରିପୂରକ ହୋଇ ରହିଛନ୍ତି। ମିନାକ୍ଷୀଙ୍କ ଉପରେ ସୁଜିତଙ୍କର ପ୍ରଭାବ ଅଛି ବୋଲି ମିନାକ୍ଷୀ ସ୍ୱୀକାର କରନ୍ତି। ସହଜରେ କହିଲେ କବିତା ଓ ଗପ ଉଭୟେ ଉଭୟଙ୍କର ପରିପୂରକ ହୋଇଅଛନ୍ତି। ମିନାକ୍ଷୀ ସୁଜିତଙ୍କର ସାହିତ୍ୟିକ ଅସ୍ତିତ୍ୱକୁ ଗୁରୁତ୍ୱପୂର୍ଣ୍ଣ କରି ଦେଖନ୍ତି। ସୁଜିତ ହୁଏତ ନିଜର ମାନବୀୟ ଅସ୍ତିତ୍ୱ ମାଧ୍ୟମରେ ଆବାମିକାକୁ ଅନୁଭବ କରିବାକୁ ଚାହାନ୍ତି। ସୁଜିତଙ୍କ ଭାଷାରେ, ଦୁହେଁ ଦୁହିଁଙ୍କର ଏକ୍ଲାପଣର ମୁହଁ ପରି। ସର୍ଜନା କେବେ ଆରାଧ୍ୟା, କେବେ ଆତ୍ମଜା କେବେ ପୁଣି ଅସ୍ମିତା । ମିନାକ୍ଷୀଙ୍କ ପାଇଁ ଏହି ଆବାମିକା ହେଉଛି ସମର୍ପଣମନସ୍କତାର ପ୍ରତିଲିପି। ସୁଜିତ ଅନନ୍ୟତା ପରିବର୍ତ୍ତେ ବିଶ୍ୱାସ ରଖନ୍ତି ସାଧାରଣତା ଓ ସାଦାତ୍ୱରେ। ଅନ୍ୟପକ୍ଷରେ ମିନାକ୍ଷୀଙ୍କ ପାଇଁ ପରସ୍ପର ଭିତରେ ଅନନ୍ୟତ୍ୱର ଅବିଷ୍କାର ହେଉଛି ଆବାମିକା ଜାଗରଣର ମାର୍ଗ ।

**ସାହିତ୍ୟର ଲବଙ୍ଗ ଦ୍ୱୀପରେ ଆମର ଜୀବନ: ସୁରେଶ ସାଗର-ଗାରିମା ନାଥ**

କବି ସୁରେଶ ସାଗର ଦୃଢ଼ ନିଶ୍ଚିତ ଯେ ସାହିତ୍ୟ ଯୋଗୁଁ ହିଁ ତାଙ୍କ ପ୍ରତି ତାଙ୍କ ପତ୍ନୀ ଗାରିମା ନାଥଙ୍କର ଆକର୍ଷଣ ଆସିଥିଲା। କିନ୍ତୁ ଗାରିମା ଏହି କ୍ଷେତ୍ରରେ ସାହିତ୍ୟର ଭୂମିକାକୁ ଅସ୍ୱୀକାର କରନ୍ତି। ତାଙ୍କ ଉତ୍ସାହରେ ଏକଦା କିଛି ବର୍ଷ ପାଇଁ ନୀରବି ଯାଇଥିବା ସୁରେଶ ପୁଣି ଶବ୍ଦ ମୁଖର ହେଲେ ବୋଲି ସ୍ୱୀକାର କରନ୍ତି। ଦାମ୍ପତ୍ୟକୁ ସାହିତ୍ୟର ଲବଙ୍ଗ ଦ୍ୱୀପ ଭାବରେ ଆଖ୍ୟାୟିତ କରନ୍ତି। ଗାରିମାଙ୍କର ଲେଖାଲେଖି ବିବାହର ଆଠବର୍ଷ ପରେ। ତାଙ୍କ ଲେଖା ଉପରେ ସୁରେଶଙ୍କ ପ୍ରଭାବ ନାହିଁ ବୋଲି ସେ କୁହନ୍ତି; ତେବେ ଲେଖାଲେଖିରେ ତାଙ୍କ ସହାୟତା ନିଅନ୍ତି। ସୁରେଶ ମୂଳତଃ ରୋମାଣ୍ଟିକ ଓ ଆବେଗଧର୍ମୀ ହୋଇଥିଲା ବେଳେ ଗାରିମା ଉଭୟ ଦ୍ରୋହ ଏବଂ ଅଭାବବୋଧର କଥା କୁହନ୍ତି । ସୁରେଶଙ୍କ ମତରେ ଉଭୟଙ୍କ ମଧ୍ୟରେ ବ୍ୟବଧାନ ନାହିଁ ତେବେ ତାଙ୍କ ଭିତରେ ଅଛି →





ମାନସ ରଞ୍ଜନ ମହାପାତ୍ର–ଶୈଳବାଳା ମହାପାତ୍ର



ରାଜକିଶୋର ଦାସ–ଡ. କନକମଞ୍ଜରୀ ପଟ୍ଟନାୟକ



ମିନାକ୍ଷୀରାଣୀ ମିଶ୍ର–ସୁଜିତ ଶତପଥୀ

ଅହଂକାର। ଗାରିମା ସୁରେଶଙ୍କ ସରଳ ହୃଦୟ, ଭାବପ୍ରବଣ ବୋଲି ମନେ କରନ୍ତି କିନ୍ତୁ ଲଙ୍କା ମରିଚଠାରୁ ଅଧିକ ରାଗୀ ବୋଲି ଅଭିହିତ କରନ୍ତି। ସୁରେଶଙ୍କୁ ନିଜଠାରୁ ଭଲ ମଣିଷ ବୋଲି ଆଖ୍ୟାୟିତ କରନ୍ତି।

**ଆମେ ଦୁହେଁ ଦୁହିଁଙ୍କର ସର୍ଜନାର ସାକ୍ଷୀ: ଜ୍ୟୋତ୍ସ୍ନା ମହାପାତ୍ର–ସମୀର ମହାପାତ୍ର**

କବି ସମୀର ମହାପାତ୍ର ଓ କବି ଜ୍ୟୋତ୍ସ୍ନା ମହାପାତ୍ର ଉଭୟେ ସ୍ୱୀକାର କରନ୍ତି ଯେ ସାହିତ୍ୟ ହିଁ ସେମାନଙ୍କୁ ଏକାଠି କରେଇଛି। ସମୀରଙ୍କ ମତରେ ସର୍ଜନଶୀଳ ଜୀବନ ଉଭୟଙ୍କର ଦାମ୍ପତ୍ୟକୁ ପରିପୁଷ୍ଟ ଏବଂ ବୁଦ୍ଧିମନ୍ତ କରିଛି। ଅନ୍ୟପକ୍ଷରେ ଜ୍ୟୋତ୍ସ୍ନା ମନେ କରନ୍ତି ନୂଆ ଜାଗା ଓ ନୂଆ ପରିସ୍ଥିତି ତାଙ୍କ ଆଖିରେ ନୂଆ ନୂଆ କାହାଣୀ ଝଲସେଇଛି। ତେଣୁ ସର୍ଜନଶୀଳ ଜୀବନ ଦାମ୍ପତ୍ୟ ଉପରେ ସକାରତ୍ମକ ପ୍ରଭାବ ପକେଇଚି। ସମୀର ବିଶ୍ୱାସ କରନ୍ତି ସମ୍ପର୍କର ଅନୁପୁରକତା ହିଁ ସର୍ଜନାର ଆବାମିକାର ସୂତ୍ର। ଜ୍ୟୋତ୍ସ୍ନା ଭାବନ୍ତି ଦୁହେଁ ଦୁହିଁଙ୍କର ସର୍ଜନା ପ୍ରକ୍ରିୟାର ସାକ୍ଷୀ । ସମୀର ନିଜ ଭିତରେ ଜ୍ୟୋତ୍ସ୍ନାକୁ ପାଇଲାବେଳେ ଜ୍ୟୋତ୍ସ୍ନାଙ୍କ ଭିତରେ ନିଜକୁ ପାଆନ୍ତି। ଶେଷରେ ଜ୍ୟୋତ୍ସ୍ନା ମତ ରଖନ୍ତି ଯେ, ଉଭୟ କଳାତ୍ମକ ଭାବରେ ପରସ୍ପରର ଅନନ୍ୟତ୍ୱକୁ ଖୋଜି ଚାଲିଛନ୍ତି।

**ଉଭୟଙ୍କ ଅସ୍ତିତ୍ୱ ନିଜ ନିଜ ବାଗରେ ସ୍ୱତନ୍ତ୍ର: ଡ. ସୁରେଶ ନାୟକ– ଜୟନ୍ତୀ ମିଶ୍ର**

କବି, ସମ୍ପାଦକ ଡ.ସୁରେଶ ନାୟକ ଓ ତାଙ୍କ ପତ୍ନୀ ଜୟନ୍ତୀ ମିଶ୍ର ଉଭୟେ ବିଶ୍ୱାସ କରନ୍ତି ଯେ, ସାହିତ୍ୟ ଥିଲା ସେମାନଙ୍କ ଭିତରେ ସମ୍ବନ୍ଧର ପ୍ରାରମ୍ଭିକ ସୂତ୍ର। ବିଶ୍ୱ ବିଦ୍ୟାଳୟ ଜୀବନରେ ସୁରେଶଙ୍କ ସାହିତ୍ୟିକ କ୍ରିୟାଶୀଳତା ଓ ଜୟନ୍ତୀଙ୍କର କବିତା ଲେଖା ଉଭୟଙ୍କୁ ପରସ୍ପରର ନିକଟତର କରେଇଥିଲା। ସୁରେଶଙ୍କ ହିସାବରେ ବିବାହ ପରେ ସ୍ଥିତି 'ଯଥା ପୂର୍ବମ ତଥା ପରମ'। ଅନ୍ୟ ପକ୍ଷରେ ଜୟନ୍ତୀ ପାରିବାରିକ ଜଞ୍ଜାଳ ଭିତରେ ଏତେ ବେଶି ସର୍ଜନାମନସ୍କ ହୋଇ ପାରିନାହାନ୍ତି । ତଥାପି ସର୍ଜନା ପ୍ରତି ଆତ୍ମାରେ ସମ୍ମାନ ଏବଂ ଆନ୍ତରିକତା ଅଛି । ସୁରେଶ ମନେ କରନ୍ତି କବି ଜୟନ୍ତୀ ଗୃହିଣୀ ଅସ୍ତିତ୍ୱଠାରୁ ଭିନ୍ନ। ଅପରପକ୍ଷରେ ଜୟନ୍ତୀ ସୁରେଶଙ୍କର ସାହିତ୍ୟିକ ଅସ୍ତିତ୍ୱକୁ ନେଇ ଗର୍ବିତ ହୁଅନ୍ତି ବେଳେବେଳେ ଅସହାୟ ବି । ଆବାମିକାର ପ୍ରଶ୍ନ ଉଠିଲେ ସୁରେଶ ରୋକଠୋକ କୁହନ୍ତି, ଉଭୟଙ୍କର ଅସ୍ତିତ୍ୱ ନିଜ ନିଜ ମାର୍ଗରେ ସ୍ୱତନ୍ତ୍ର । କେହି କାହା ଇଲାକାରେ ଅନୁପ୍ରବେଶ



ସୁରେଶ ସାଗର–ଗାରିମା ନାଥ



ଦିଲ୍ଲୀପ ରାଉତ–ଡ. ସ୍ୱପ୍ନା ମିଶ୍ର

କରିବାକୁ ଚାହାନ୍ତି ନାହିଁ । ଜୟନ୍ତୀଙ୍କ ହିସାବରେ ସର୍ଜନା କ୍ଷେତ୍ରରେ ସୁରେଶ ଅତୁଳନୀୟ । ତାଙ୍କ ଆଖି ପାଏ ନାହିଁ । ଜୟନ୍ତୀ ନିଜକୁ ଅନନ୍ୟା ଭାବନ୍ତି ନାହିଁ। ସୁରେଶ କିନ୍ତୁ ଜୟନ୍ତୀଙ୍କଠାରେ ଯେଉଁ ଅନନ୍ୟତ୍ୱ ଦେଖନ୍ତି। ତାହା ହେଲା ତାହା ହେଲା ଜୟନ୍ତୀ ତାଙ୍କ କାର୍ଯ୍ୟରେ ଦଖଲଅନ୍ଦାଜି କରନ୍ତି ନାହିଁ। ତାଙ୍କୁ ମୁକ୍ତ ଏବଂ ସ୍ୱଚ୍ଛନ୍ଦ ଭାବରେ ବିକଶିତ ହେବାକୁ ସୁଯୋଗ ଦିଅନ୍ତି।

**ସାଥୀର ଅସ୍ତିତ୍ୱ ସାହିତ୍ୟିକ ଅସ୍ତିତ୍ୱଠାରୁ ଗୁରୁତ୍ୱପୂର୍ଣ୍ଣ: ଭାଗିରଥୀ ବେହେରା–ଜୟନ୍ତୀ ବେହେରା**

କବି ଭାଗିରଥି ବେହେରା କବି ଜୟନ୍ତୀ ବେହେରାଙ୍କୁ ଜୀବନସାଥୀ ଭାବରେ ଗ୍ରହଣ କରିବାରେ ସାହିତ୍ୟର ବିଶେଷ କିଛି ଭୂମିକା ନ ଥିଲା କିନ୍ତୁ ଉଭୟେ ଖୁସି ହୋଇଥିଲେ ଯେ ଉଭୟେ ସାହିତ୍ୟ ପୃଷ୍ଠଭୂମିରୁ ଆସିଛନ୍ତି। ଦାମ୍ପତ୍ୟ ଜୀବନରେ ବୃତ୍ତି, ସନ୍ତାନ ଓ ପାରିବାରିକ ଜଞ୍ଜାଳ ଭିତରେ ଜୟନ୍ତୀ ବେହେରା ଯେ ଲେଖିପାରନ୍ତି ଏଥିପାଇଁ ସମସ୍ତ ଶ୍ରେୟ ଯାଏ ଭାଗିରଥୀଙ୍କୁ। ସେ ହିଁ ଜୟନ୍ତୀଙ୍କ ଆଦ୍ୟଯୌବନର ଲେଖା ସବୁ ସଂଗ୍ରହ କରି ପ୍ରକାଶ କଲେ ପୁସ୍ତକ ଭାବରେ। ଉଭୟଙ୍କ ଭିତରେ କାବ୍ୟିକ ସହଯୋଗ ଏକ ଉଲ୍ଲାସମୟ ପାରସ୍ପରିକତା ସମ୍ଭବ କରାଇ ପାରିଛି। ଭାଗିରଥୀଙ୍କ ପାଇଁ ଜୟନ୍ତୀଙ୍କ ସାମଗ୍ରିକ ଅସ୍ତିତ୍ୱ ସାହିତ୍ୟିକ ଅସ୍ତିତ୍ୱଠାରୁ ଗୁରୁତ୍ୱପୂର୍ଣ୍ଣ । ଅନ୍ୟପକ୍ଷରେ ଜୟନ୍ତୀ ତାଙ୍କ ଜୀବନସାଥୀର ସାହିତ୍ୟିକ ସତ୍ତା ଓ ବ୍ୟକ୍ତିସତ୍ତାକୁ ଭାଗ ଭାଗ କରି ଦେଖିବାକୁ ଚାହିଁ ନାହାଁନ୍ତି । ଆବାମିକାର ପ୍ରଶ୍ନ ଉଠିଲେ ଭାଗିରଥି ସ୍ୱୀକାର କରନ୍ତି ଶୈଳୀ ଦିଗରୁ ଜୟନ୍ତୀ ଅନନ୍ୟ । ଦୁହିଙ୍କ ଭିତରେ ହୁଏତ ସାମଞ୍ଜସ୍ୟ ଥାଇପାରେ ସ୍ୱାତନ୍ତ୍ର୍ୟ ମଧ୍ୟ ଅଛି ଯଥା ସ୍ଥାନରେ । ଜୟନ୍ତୀ ବେହେରା ଭାଗିରଥୀଙ୍କ ଅନନ୍ୟତ୍ୱକୁ ଆବିଷ୍କାର କରନ୍ତି ତାଙ୍କ ବିରଳ ସର୍ଜନା କ୍ଷମତାରେ। ମୋଟାମୋଟି ଉଭୟେ ପରସ୍ପରର ସାହିତ୍ୟିକ କ୍ରିୟାଶୀଳତାକୁ ବୁଝନ୍ତି ଓ ପରସ୍ପରର ସହାଯାତ୍ରୀ ହୁଅନ୍ତି।

ସର୍ଜନାମଗ୍ନ ଦମ୍ପତିଙ୍କ ଭିତରେ ଆବାମିକା ବା ଏକ ମିଳିତ ପାରସ୍ପରିକତା ସବୁକ୍ଷେତ୍ରରେ ସମ୍ପୂର୍ଣ୍ଣ ସମ୍ଭବ ହୋଇ ପାରେନା। ନିଜ ନିଜ ବିଶେଷତ୍ୱ ନିଜ ନିଜ ଜାଗାରେ ରହେ।

**–ମାନମୟୀ ରଥ,**
ଅଧ୍ୟକ୍ଷା ସେଣ୍ଟ ଜାଭିୟର କିଡ୍ସ,
ବାଲିପୁଟ, ପୁରୀ



ଭାଗିରଥୀ ବେହେରା–ଜୟନ୍ତୀ ବେହେରା



ସମୀର ମହାପାତ୍ର– ଜ୍ୟୋତ୍ସ୍ନା ମହାପାତ୍ର



ଡ. ସୁରେଶ ନାୟକ– ଜୟନ୍ତୀ ମିଶ୍ର


# ଦିଶା ଯାହା ଖୋଜୁଥିଲେ....

ଦିଶା ପଟାନି ଯାହା ଚାହୁଁଥିଲେ ତାହା ତାଙ୍କୁ ଯେ, ଏତେ ସହଜରେ ମିଳିଯିବ ତାହା ବିଶ୍ୱାସ କରିପାରୁ ନାହାନ୍ତି। କଥା କ'ଣ କି ଆକ୍ସନ ଭୂମିକାରେ ଅଭିନୟ କରିବାକୁ ମନ ବଳାଇଛନ୍ତି ଦିଶା। ପୁଣି ଫାଇଟିଂ ଶିଖିବାକୁ ଗୁରୁଟିଏ ଦରକାର। ତାଙ୍କର ଏହି ସମସ୍ୟାର ସମାଧାନ କରିଦେଇଛନ୍ତି ତାଙ୍କ ପ୍ରେମିକ ଟାଇଗର ଶ୍ରଫ। ଟାଇଗର ଫାଇଟ୍‌ରେ କେତେ ପାରଙ୍ଗମ ତାହା କହିବା ବାହୁଲ୍ୟ। ଦିଶାଙ୍କଠାରୁ ଏ କଥା ଶୁଣିବା ପରେ ନିଜ ପଟରୁ ସହଯୋଗର ହାତ ବଢ଼ାଇଛନ୍ତି। ଆଉ ତା'ପରେ ଦିଶାଙ୍କ ଖୁସି ଦେଖେ କିଏ ? ନିଜ ମନର ଆଶା ପୂରଣ ହେବା ପରେ ତାଙ୍କ ଗୋଡ଼ ଆଉ ତଳେ ଲାଗୁନି।



ଦିଶା-ଟାଇଗର

# ପୂଜାପାଠରେ ବ୍ୟସ୍ତ



ବରୁଣ

ବରୁଣ ଧାୱନ ଏବେ ପୂଜା ପାଠରେ ବ୍ୟସ୍ତ ଅଛନ୍ତି। ନିକଟରେ ସେ ନିଜ ଅଭିନୟ କ୍ୟାରିୟର ସମ୍ପର୍କରେ ଜଣେ ଜ୍ୟୋତିଷଙ୍କ ମତ ଲୋଡ଼ିଥିଲେ। ଆଉ ତାଙ୍କର ପରାମର୍ଶ ଅନୁସାରେ ସକାଳେ ଏବଂ ସନ୍ଧ୍ୟାରେ ସେ ନିଜକୁ ପୂଜାରେ ନିୟୋଜିତ ରଖୁଛନ୍ତି। କେବଳ ସେତିକି ନୁହେଁ, ଏବେ ତାଙ୍କୁ ମିଳିଥିବା ୨-୩ଟି ଅଫର ବିଷୟରେ ଭଲ ଭାବରେ ତର୍ଜମା କରୁଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ବର୍ତ୍ତମାନ ମୁଁ ନିଜ କ୍ୟାରିୟର ପ୍ରତି ବେଶ ସଚେତନ। ଅପରପକ୍ଷରେ ୨-୩ଟି ଅଫର ହାତରେ ରହିଛି। ତାକୁ ନେଇ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବି।' ତେବେ ବରୁଣଙ୍କ ଏହି ପୂଜା ପାଠ ତାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ସାରାଙ୍କ ଗୋଆ ଟ୍ରିପ୍



ସାରା ଅଲ୍ଲୀ ଖାଁ ଏବେ ଗୋଆରେ ଡେରା ପକାଇଛନ୍ତି। ସେଠାରେ ତାଙ୍କର ଏକାଥରେ ଦୁଇଟି ଫାଇଦା। ଗୋଟିଏ ହେଲା ସେ ଅଭିନୟ କରୁଥିବା ଏକ ଅନଟାଇଟଲଡ଼ ଫିଲ୍ମର ଶୁଟିଂ ଚଳିତ ମାସ ଶେଷ ସପ୍ତାହରେ ଆରମ୍ଭ ହେବ। ତେଣୁ ଗୋଆରେ ଏ ନେଇ ସେ ନିଜକୁ ପ୍ରସ୍ତୁତ କରୁଛନ୍ତି। ତା' ସହ ନିଜ ସାଙ୍ଗମାନଙ୍କ ସହ ସେଠାରେ ବୁଲି ମଜା କରୁଛନ୍ତି। ଏ ସମ୍ପର୍କରେ ସାରା କହନ୍ତି, ଖୁବ୍ ଶିଘ୍ର ମୁଁ ଅଭିନୟ କରିବାକୁ ଯାଉଥିବା ଏକ ଫିଲ୍ମର ଶୁଟିଂ ଗୋଆରେ ଆରମ୍ଭ ହେବ। ତେଣୁ ଏ ନେଇ ପ୍ରାରମ୍ଭିକ ପ୍ରସ୍ତୁତି ଚାଲିଛି। ତା'ସହ ଏଠାରେ ସାଙ୍ଗମାନଙ୍କ ସହ ଭେଟ ହେବା ପରେ ବୁଲିବାର ମଜା ନେଉଛି। ସତ କଥା କହିବାକୁ ଗଲେ ଗୋଆ ହେଉଛି ମୋର ଫେଭରାଇଟ୍ ଟୁରିଷ୍ଟ ପ୍ଲେସ। ଏଠାକାର ପ୍ରାକୃତିକ ଦୃଶ୍ୟର ମଜା ନିଆରା। ଆଉ ଏହି ଫିଲ୍ମରେ ମୋତେ ମିଳିଥିବା ଭୂମିକାକୁ ନେଇ ମୁଁ ବେଶ୍ ଆଶାବାଦୀ ରହିଛି।'

# ଅପେକ୍ଷାରେ ପ୍ରିୟଙ୍କା

ବେଶ କିଛି ବର୍ଷ ହେଲା ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ଠାରୁ ଦୂରେଇ ଅଛନ୍ତି। ହଲିଉଡ୍‌ରେ କାମ କରିବା ପରେ ସେ ହିନ୍ଦୀ ସିନେମାରେ ଅଭିନୟ କରିନାହାନ୍ତି। ହେଲେ ଏବେ ଯଦି ସେପରି ଭଲ ସୁଯୋଗ ମିଳେ ତେବେ ତାହାକୁ ସେ ହାତ ଛଡା କରିବେ ନାହିଁ ବୋଲି କହିଛନ୍ତି। ହେଲେ ଜାଣନ୍ତି ପ୍ରିୟଙ୍କାଙ୍କ ଅଭିନୟ ଆରମ୍ଭ ହୋଇଥିଲା ଏକ ତାମିଲ ଫିଲ୍ମରୁ ୨୦୦୨ରେ। ଏହି ଫିଲ୍ମର ଟାଇଟଲ ଥିଲା 'ତାମିଜ୍ଜନ'। ତାପରେ ୨୦୦୩ରେ ହିନ୍ଦୀ ସିନେମାରେ ତାଙ୍କୁ ବ୍ରେକ ମିଳିଥିଲା। ଫିଲ୍ମଟି ଥିଲା 'ଦ ହିରୋ : ଲଭ ଷ୍ଟୋରି ଅଫ ଏ ସ୍ପାଏ'। ଏ ସମ୍ପର୍କରେ ସେ କହନ୍ତି, 'ବଲିଉଡ଼ ମୋତେ ଯାହା ଦେଇଛି ତାହାକୁ ମୁଁ କେବେ ଭୁଲି ପାରିବି ନାହିଁ। ଏ କଥା ସତ ଯେ ଗତ କିଛି ବର୍ଷ ହେଲା ମୁଁ ହିନ୍ଦୀ ସିନେମାରେ ଅଭିନୟ କରିନାହିଁ। କେତୋଟି ଅଫର ହାତଛଡା କରିଛି। ଆଗକୁ ଭଲ ହିନ୍ଦୀ ସିନେମା ଅଫର ମିଳିଲେ ମନା କରିବି ନାହିଁ।' ତେବେ ପ୍ରିୟଙ୍କାଙ୍କ ଏହି ଆଶା କେବେ ପୂରଣ ହେଉଛି ତାହା ଦେଖିବାକୁ ଅପେକ୍ଷା କରିବାକୁ ପଡିବ।





ମନୋରଞ୍ଜନ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଫ୍ରେଶ୍

ସ୍ୱାମୀ ଅଫିସ୍‌ରୁ ଫେରୁ ଫେରୁ ସ୍ତ୍ରୀ ଝଗଡା ଆରମ୍ଭ କରିଦେଲେ।
ସ୍ୱାମୀ- ଆସୁ ଆସୁ ଝଗଡ଼ା। ଦିନସାରା ଖଟି ଖଟି ଆସିଛି। ମତେ ଟିକେ ଫ୍ରେଶ୍ ତ ହେବାକୁ ଦିଅ।
ସ୍ତ୍ରୀ- ମୁଁ ବି ଦିନସାରା ଘରେ ଏକୁଟିଆ ରହି ବୋର୍ ହେଇଯାଇଛି। ଝଗଡା କରି ମତେ ବି ଟିକେ ଫ୍ରେଶ୍ ହେବାକୁ ଦିଅ।

## ଚିଠି

ବାହାଘରକୁ ଆସି ନ ଥିବା ସାଙ୍ଗକୁ
ରାଜୁ- ମୁଁ ତତେ ଚିଠି ଦେଇଥିଲି ମୋ ବାହାଘରକୁ ଆସିବା ପାଇଁ। ତୁ ଆସିଲୁନି କାହିଁକି ?
ସାଙ୍ଗ- ମୁଁ ତ ଚିଠି ପାଇନି।
ରାଜୁ-ପାଇନୁ! ହଉ ହେଲା। କିନ୍ତୁ ମୁଁ ତ ଚିଠିରେ ଲେଖିଥିଲି ଚିଠି ପାଅ। କି ନ ପାଅ, ଯେମିତି ହେଲେ ଆସିବୁ। ତଥାପି ତୁ ଆସିଲୁନି।

## ଡେଟ୍

ମୋନୁ ଗର୍ଲଫ୍ରେଣ୍ଡକୁ ନେଇ ଡେଟ୍‌ରେ ଯାଇଥାଏ।
ମୋନୁ-ମୁଁ ପ୍ରଥମ ଥର ପାଇଁ କୌଣସି ଝିଅ ସହ ଡେଟ୍‌ରେ ଆସିଛି।
ଗର୍ଲଫ୍ରେଣ୍ଡ- ଶୁଣିକି ଖୁସି ଲାଗିଲା।
ମୋନୁ- ସେଥିପାଇଁ ଯଦି ମୁଁ କିଛି ଭୁଲ କରିଦିଏ ଛୋଟ ଭାଇ ଭାବି କ୍ଷମା କରିଦେବ।



# ଅମୂଲ୍ୟ ସମ୍ପଦ

–ପ୍ରିୟଦର୍ଶିନୀ ମହାନ୍ତି

କେ ଜାଣି ରାତି କେତେଟା ବାଜିଥିବ? ମତେ ସେତେବେଳକୁ ଘଣ୍ଟାରେ ସମୟ ଦେଖିବା ଜଣା ନ ଥିଲା। ମୁଁ ଖଟ ଉପରେ ବସି ନିଦୁଆ ଆଖିରେ ଦେଖୁଥାଏ। ଦନେଇ କକେଇ, ଆଉ ନନା ଅଣ୍ଟାରେ ଗାମୁଛା ଭିଡି ମୁଣ୍ଡରେ ଠେକି କରି ହାତରେ ଝୁଡ଼ି ଆଉ କୋଦାଳ ଧରି ବାହାରିଛନ୍ତି। ବୋଉ ତେଣେ କିଛି ଟଙ୍କା, ଆବଶ୍ୟକୀୟ ଜିନିଷ ଏବଂ ଚୁଡା, ମୁଢି ପରି କିଛି ଖାଇବା ଜିନିଷ, କିରୋସିନି, ଲଣ୍ଠନ ଘରର ଗୋଟେପାଖେ ବନ୍ଧା ବନ୍ଧି କରି ରଖିଥିଲା। ମୁଁ ଖଟରୁ ଓହ୍ଲାଇ ବୋଉ ପଛରେ ଲାଉ ହେଇଗଲି ଆଉ କହିଲି ବୋଉ ତୁ ଏତେ ରାତିରେ ମତେ ଛାଡି କୁଆଡେ ବହାରିଛୁ। ମୁଁ ବି ତୋ ସାଙ୍ଗରେ ଯିବି। 'ବୋଉ ଟିକିଏ ହସି କହିଲା,' ବାପାରେ ତତେ ଛାଡି କୁଆଡେ ଯିବି! ତୁ ପରା ମୋ ଅମୂଲ୍ୟ ସମ୍ପଦ। ଆମେ ସମସ୍ତେ ଯିବା । ତୁ ବି ଯିବୁ। ହଉ, ଉଠିପଡ଼ିଲାଣୁ ଯଦି ଜେଜେବାପାଙ୍କ ପାଖରେ ବସିଥା'।

ମୁଁ ସେଇଠୁ ଧାଇଁଲି ଜେଜେବାପାଙ୍କ କୋଠରୀକୁ। ସେଠାରେ ଜେଜେବାପା ମଧ୍ୟ ଦୁଇଟି ବ୍ୟାଗ ସଜାଡି ବସିଥାନ୍ତି। ମୁଁ ତାଙ୍କ କୋଳରେ ହଠାତ ଯାଇ ବସି ପଡି ପ୍ରଶ୍ନ କଲି,'ବାପା କ'ଣ ହେଉଛି? ସମସ୍ତେ କିଛି ନା କିଛି ପ୍ୟାକିଙ୍ଗ କରି କୁଆଡେ ଯିବାକୁ ବାହାରିଛନ୍ତି?' ଜେଜେବାପା କହିଲେ,' ଆରେ କୁଆଡେ ଆଉ ଯିବା। ଦେଖୁଛୁ ପରା ନଈବଢି ହେଲାଣି। ଗାଁ ଭିତରକୁ କେତେବେଳେ ପାଣି ପଶିଯିବ କିଛି ଠିକ ନାହିଁ। ବନ୍ଧରେ ଘାଇ ସୃଷ୍ଟି ହେଲାଣି। ତୋ ନନା ଆଉ କକେଇ ସହ ଗାଁର ବହୁତ ଲୋକ ଯାଇଛନ୍ତି ବନ୍ଧ ବାନ୍ଧିବାକୁ। ଯଦି ବନ୍ଧ ସୁରକ୍ଷିତ ରହିଲା ତ ଭଲ କଥା ନଚେତ ଆମକୁ ଏ ଗାଁ ଛାଡି ଯିବାକୁ ପଡ଼ିବ। ତେଣୁ ନିଜ ନିଜର ଅମୂଲ୍ୟ ସମ୍ପଦକୁ ସାଙ୍ଗରେ ନିଆଯାଏ। ତେବେ ଏ ପରିସ୍ଥିତିରେ ଅମୂଲ୍ୟ ସମ୍ପଦ ହେଉଛି ଖାଦ୍ୟ ଆଉ ବସ୍ତ୍ର। ତେଣିକି ବାସଗୃହ ମିଳିବ କି ନାଇଁ ଠିକ୍ ନାହିଁ। ଆଉ କିଛି ଟଙ୍କା ପାଖରେ ଥିଲେ ଭଲ ଭବିଷ୍ୟତରେ କାମରେ ଆସିବ। ତେଣୁ ବେଳ ହୁଁ ସାବଧାନ।'

ଏବେ ମୋ ମୁଣ୍ଡରେ କିଛି କିଛି ପଶିଲା। ପୁଣି ବାପା କହିଲେ,' ଯା, ତୋର ଯଦି କିଛି ଦରକାରୀ ଜିନିଷ ନେବାର ଅଛି ବାନ୍ଧି ପକା। ମୁଁ ସଙ୍ଗେ ସଙ୍ଗେ ଶୋଇବା ଘରକୁ ଦୌଡ଼ି ଯାଇ ମୋ କାନ୍ଧ ପକା ବ୍ୟାଗରେ ମୋ ପଢ଼ା ବହି, ଖାତା, କଲମ, ସ୍ଲେଟ, ଚକ୍ ଖଡ଼ି ରଖିଦେଲି। ବ୍ୟାଗ ନେଇ ପୁଣି ଜେଜେବାପାଙ୍କ ପାଖକୁ ଗଲି। ବାପା ବ୍ୟାଗ ଦେଖି ପଚାରିଲେ,' ଆରେ ବ୍ୟାଗରେ କ'ଣ ରଖିଲୁ କିରେ ନାତିଆ। ' ମୁଁ ଉତ୍ତର ଦେଲି,' ମୋ ପଢ଼ା ସାମଗ୍ରୀ ମୋ ଅମୂଲ୍ୟ ସମ୍ପଦ।

ଜେଜେବାପା ମତେ କୋଳକୁ ଭିଡିଆଣି ବସେଇ କହିଲେ,' ନାତିଆ ମୋର ଭାରି ଜାଣିବାର ହେଲାଣି। ବଡ଼ ହେଲେ ନିଶ୍ଚୟ ପାରିବାର ମଣିଷଟିଏ ହେବ।' ମୁଁ ଜେଜେବାପାଙ୍କ ମୁହଁକୁ ଚାହିଁଥାଏ ଅବୋଧଟିଏ ଭଳି।

*–ଜଟଣୀ, ଖୋର୍ଦ୍ଧା, ୯୩୩୭୫୧୫୮୫୩*



## କବିତା

– ଅନନ୍ୟା ଅନୁଷ୍କା

କବିତା ଜଣେ ରାଣୀ
କେବେ ସ୍ୱପ୍ନ ରାଇଜର,
କେବେ ବାସ୍ତବତା ବଜାରର ;
କେବେ ସାଜେ ପୁଣି ପାଟରାଣୀ
କବି ଭାବନାର,
ନିର୍ଝର ସ୍ୟାହିର। (୧)
କବିତା ଜଣେ ବକ୍ତା
କେବେ ପୁଣି ଶ୍ରୋତା
କୁହେ ଅନେକ ଅକୁହା କଥା ;
ମାପିପାରେ ସେ ସାଗରର ଗଭୀରତା,
ଛୋଟ ତା' ପଂକ୍ତିରେ ଭାଙ୍ଗିଯାଏ
ପର୍ବତର ନୀରବତା। (୨)
କବିତା ଜଣେ ପ୍ରେମିକା
ବିରହୀ ପ୍ରେମୀର ;
ଜଣେ ଶିକ୍ଷୟିତ୍ରୀ ମାତା
ନିମ୍ନମୁଖୀ ସମାଜର ;
କେବେ ସାଜେ ପୁଣି ମୂକ ଦର୍ଶକ
ସାମାଜିକ ପରିବର୍ତ୍ତନର। (୩)

*–କଳାରାହାଙ୍ଗ, ଭୁବନେଶ୍ୱର*

## ଚାରୋଟି ଏକପଦୀ

–ଭରତ ଚନ୍ଦ୍ର ଦାଶ

ଏକ

ବିରହିଣୀ ମେଘ ବରଷେ ତନୁରେ
ଦୁଇ ଟୋପା ଲୁହ ହୋଇ
ପ୍ରୀତି ପୂଜାରିଣୀ ଅପ୍ରୀତି ରାଗିଣୀ
ପାରିବ କିପରି ସହି ।

ଦୁଇ

: ବରଷା ଦେଉଛି ବିରହ ଯାତନା
ଲୁହ ଲହୁ ହୋଇ ଝରେ
କାମାଙ୍ଗିନୀ ପ୍ରିୟା ପ୍ରେମିକ ହୃଦୟା
ନିଶୀଥେ ବିଜନେ ଝୁରେ ।

ତିନି

ପତି ସୁହାଗିନୀ ପ୍ରଣୟ କାମିନୀ
ପ୍ରଣୟ ପୀୟୂଷ ଧାର
ପ୍ରଣୟୀ ପ୍ରଣୟ ପ୍ରୀତି ସୁଧାମୟ
ମିଳନେ ପ୍ରଶାନ୍ତି ଝର ।

ଚାରି

ପ୍ରୀତିପ୍ରଜ୍ଞା ରୂପ ସଂପ୍ରୀତି ପ୍ରଦୀପ
ଅନ୍ଧକାରେ ପ୍ରୀତି ପ୍ରଭା
ଶତ ସୂର୍ଯ୍ୟ ସମ ମନେ ଆଣେ ଭ୍ରମ
ପ୍ରୀତିପ୍ରଜ୍ଞା ପ୍ରୀତି ଆଭା ।

*– ମାର୍କୋଣା ,ବାଲେଶ୍ୱର*
*ମୋ– ୯୪୩୭୩୭୨୧୬୬*

## ଗଛ

–ସୁଧାଂଶୁ ଶେଖର ଦ୍ୱିବେଦୀ

ଫୁଲକୁ ଛିଡାଅନି
ଉଜୁଡି ଯିବ ତା' ମମତା
ପତ୍ରକୁ ଛିଡାଅନି
କଳା ପଡିଯିବ ତା' ମୁହଁ
ଶାଖା ପ୍ରଶାଖାକୁ କାଟନି
ଅପଙ୍ଗ ହୋଇଯିବ ତା' ଦେହ
ସ୍ୱପ୍ନକୁ ଛଡେଇ ନିଅନି
ହରିଯିବ ତା' ଜୀବନର ସବୁ ଖୁସି।

*–ବିସି–୭୪,ସଲ୍ଟ ଲେକ୍, କଲକତା–୬୪*
*ମୋ–୬୨୯୧୩୪୨୨୫୯*



# ମାସ୍କ ଆର୍ଟ

କରୋନା ମହାମାରୀ ପାଇଁ ମଣିଷ ଘରେ ବନ୍ଦି ହୋଇ ରହିବାକୁ ବାଧ ହେଉଛି । ତେଣୁ ମଳୁଥିବା ଖାଲି ସମୟରେ ଅନେକେ ନିଜ ଅନ୍ତର୍ନିହିତ କଳାର ବିକାଶ କରୁଛନ୍ତି । ଯେମିତିକି ଷ୍ଟିଫେନ୍ କ୍ରାଫ୍ଟ ନାମକ ଜଣେ ବ୍ୟକ୍ତି ଫେସ୍ ମାସ୍କକୁ ନେଇ କରିଛନ୍ତି କିଛି ସୃଜନାତ୍ମକ ଆର୍ଟ । ଯାହା ଦେଖିବାକୁ ବେଶ୍ କୌତୁହଳମୟ । ଅଫିସ୍ ଓ ଅନ୍ୟ କାମ କରିବା ପରେ ମିଳୁଥିବା ସମୟରେ ସେ ଏହି ଆର୍ଟ ସବୁ କରିଛନ୍ତି । କେତେବେଳେ ଏହାକୁ ସେ ଗରମ ଚା' କପ୍ ଲୁକ୍ ଦେଇଛନ୍ତି ତ କେବେ ଝିଅଟିଏ ଡୀର ନିକ୍ଷେପ କରୁଥିବା, ପୁଣି କେବେ ପରୀକଥାର ରାପ୍ନଜେଲ୍ ନିଜ ଲମ୍ବା କେଶକୁ ଦୁର୍ଗରୁ ଝୁଲାଇଥିବାର ଦୃଶ୍ୟକୁ ମାସ୍କ ମାଧ୍ୟମରେ ଦେଖାଇଛନ୍ତି । ଏହି ଆର୍ଟ କରିବା ପାଇଁ ସେ ସିଙ୍ଗଲ ୟୁଜ୍ ହେଉଥିବା ମାସ୍କ ବ୍ୟବହାର କରିଛନ୍ତି । ଷ୍ଟିଫେନ୍ କହନ୍ତି, ପ୍ରତିଥର ଏକ ଆର୍ଟ କରିବା ପରେ ଭାବେ ଏଇଟାବୋଧେ ମୋର ଶେଷ ଆର୍ଟ । ଏହାପରେ ଆଉ ନୂଆ ଆଇଡିଆ ଆସିବନି । କିନ୍ତୁ ପରବର୍ତ୍ତୀ ସମୟରେ ପୁଣି ଏକ ନୂଆ ଯୋଜନା ଆସେ । ଆଉ ନୂଆ ଏକ ଆର୍ଟ ପ୍ରସ୍ତୁତ କରେ ।' ତାଙ୍କର ଏହି ଆର୍ଟ ସୋସିଆଲ ମିଡିଆରେ ବେଶ୍ ଲୋକପ୍ରିୟ ହୋଇପାରିଛି ।









ବ୍ୟାକ୍ ପେଜ୍

## କାର୍ଟୁନ କର୍ନର

